# NATIONAL NEWS BULLETIN (ODIA)

**5 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

# ସ୍ୱିସ୍ ପ୍ରେଜ୍ ଆରାଇଭାଲ୍

ଭାରତ-ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ପରିବହନ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସଂପର୍କିତ କେତେକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଭାରତର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରୀୟ ବିଜ୍ଞାନ ଫାଉଣ୍ଡେସନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସେହିପରି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ କ୍ଷେତ୍ରରେ ସହଯୋଗ ସଂପର୍କିତ ବୁଝାମଣା ଚୂଡ଼ାନ୍ତ ହୋଇଛି ।

ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ- ସ୍ୱିଜରଲ୍ୟାଣ୍ଡ ସଂପର୍କ ବୃଦ୍ଧି ନେଇ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତିଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଐତିହାସିକ ବାଣିଜ୍ୟ ଓ ଅର୍ଥନୈତିକ ଭାଗିଦାରି ବୁଝାମଣା ଏ ଦିଗରେ ସହାୟକ ହୋଇଛି ।

**V/O (PM-Spoace)**

ଆଗାମୀ ଦିନରେ ଭାରତ ୧୦୦ ବିଲିୟନ୍ ଆମେରିକୀୟ ଡଲାର ବିନିଯୋଗ ପାଇଁ ଆଶା ରଖିଥିବା ବେଳେ ଏ କ୍ଷେତ୍ରରେ ଆଗାମୀ ୧୫ ବର୍ଷରେ ପ୍ରତ୍ୟକ୍ଷ ଭାବେ ୧୦ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । **V/O (PM-AI)**

# ନିଉ ସୁଇସ୍ ପ୍ରେଜ୍ ଆରାଇଭାଲ୍

ସ୍ୱିଜରଲ୍ୟାଣ୍ଡ  ରାଷ୍ଟ୍ରପତି ଗି ପାର୍ମେଲାନ୍  ୩ ଦିନିଆ ଭାରତ ଗସ୍ତରେ ଆସି ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ତାଙ୍କ ସହ ବରିଷ୍ଠ ଅଧିକାରୀ ଓ ବ୍ୟବସାୟୀକ ନେତୃବୃନ୍ଦଙ୍କୁ ନେଇ ଗଠିତ ଏକ ଗୋଷ୍ଠୀ ଭାରତ ଆସିଛନ୍ତି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ତମ୍‌ତା ବିମାନ ବନ୍ଦରରେ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ପରେ ରାଷ୍ଟ୍ରପତି ଭବନରେ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତିଙ୍କୁ ରାଜକୀୟ ସ୍ୱାଗତ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ ଜଣାଇଥିଲେ । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ପାର୍ମେଲାନ୍ କହିଛନ୍ତି, ସ୍ୱିଜରଲ୍ୟାଣ୍ଡ-ଭାରତ ସଂପର୍କର ଗୁରୁତ୍ୱ ବୃଦ୍ଧି ନେଇ ଏହି ଗସ୍ତ ସୁଯୋଗ ସୃଷ୍ଟି କରିଛି । ଉଭୟ ଦେଶ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ପାରସ୍ପରିକ ସଂପର୍କ ଆଧାରିତ ଦ୍ୱିପାକ୍ଷିକ ସଂପର୍କ ରହିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର’ ଗି ପାର୍ମେଲାନ୍‌ଙ୍କ ଭାରତ-ସ୍ୱିଜରଲ୍ୟାଣ୍ଡ ସହଭାଗିତା ବୃଦ୍ଧି ବିଷୟକୁ ପ୍ରଶଂସା କରିଛନ୍ତି । ଶ୍ରୀ ପାର୍ମେଲାନ୍  ରାଜଘାଟ ଗସ୍ତ କରି ମହାତ୍ମା ଗାନ୍ଧୀଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଆଜି ସନ୍ଧ୍ୟାରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

..........

# ଏଫ୍‌ଏମ୍ ଇଣ୍ଡିଆ-ଇୟୁ ଡିଲ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିର ପ୍ରଶଂସା କରି କହିଛନ୍ତି, ଏହି ବୁଝାମଣା ନେଇ ଆଲୋଚନା ଓ ଏହାକୁ ଚୂଡ଼ାନ୍ତ କରିବା ପ୍ରତି ଭାରତର ପ୍ରତିବଦ୍ଧତା ଦର୍ଶାଉଛି । ଆଜି ନୂଆଦିଲ୍ଲୀରେ ମ୍ୟୁନିକ୍ ନେତାମାନଙ୍କ ବୈଠକରେ ନିର୍ମଳା ସୀତାରମଣ ଏହି ବୁଝାମଣାକୁ ଅନ୍ୟ ସମସ୍ତ ବୁଝାମଣାର ଜନନୀ ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି, ଏହି ବୁଝାମଣାରେ ୨ ବିଲିୟନ ଲୋକଙ୍କ ସହ ଜଡ଼ିତ ଅର୍ଥନୀତିକୁ ସାମିଲ କରାଯାଇଛି, ଯାହା ବିଶ୍ୱ ଜିଡିପିର ଏକଚତୁର୍ଥାଂଶ। ଅର୍ଥମନ୍ତ୍ରୀ କହିଛନ୍ତି, ଏହି ବୁଝାମଣାରେ ଭାରତ ୯୨ ଦଶମିକ ୫ ପ୍ରତିଶତ ପର୍ଯ୍ୟନ୍ତ ତାରିଫ୍ ବ୍ୟବସ୍ଥା ମୁକ୍ତ କରିଛି, ଯାହା ସଂପୂର୍ଣ୍ଣ ମୂଲ୍ୟର ୭୨ ପ୍ରତିଶତ ।

---

# ୟୁଏସ୍-ଷ୍ଟ୍ରାଇକ୍

କାରବିଆନ୍ ସାଗରରେ ନିଶାଦ୍ରବ୍ୟ କାରବାରରେ ସାମିଲ ହେବା ଏକ ନୌକା ଉପରେ ଆମେରିକା ସେନାର ଆକ୍ରମଣ ଯୋଗୁଁ ୪ ଜଣଙ୍କ ମୃତ୍ୟୁ ଘଟିଛି । ଟ୍ରମ୍ପ ପ୍ରଶାସନ ଲାଟିନ୍ ଆମେରିକାରେ ନିଶାଦ୍ରବ୍ୟର ଚୋରା ଚାଲାଣ ବିରୁଦ୍ଧରେ ଅଭିଯାନ ଜାରି ରଖିଛି । ଆମେରିକା ସେନାର ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ସଂପୃକ୍ତ ନୌକାରେ ନିଶାଦ୍ରବ୍ୟ ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇପାରି ନାହିଁ। ଗତବର୍ଷ ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ଆମେରିକା ସେନା ନୌକାଗୁଡ଼ିକ ଉପରେ ଆକ୍ରମଣ କରିବାରେ  ୨୩୫ ଜଣଙ୍କର ମୃତ୍ୟୁ ହୋଇଛି ।

---

## ଜିତେନ୍ଦ୍ର ସିଂହ-ପେନସନ ଅଦାଲତ

କେନ୍ଦ୍ର କର୍ମଚାରୀ, ଜନଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ୧୭ତମ ପେନ୍‌ସନ୍ ଅଦାଲତରେ ଅଧ୍ୟକ୍ଷତା କରିବେ। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ପେନ୍‌ସନ ଅଦାଲତରେ ଦୀର୍ଘଦିନ ଧରି ବିଚାରାଧୀନ ଥିବା ବରିଷ୍ଠ ପେନ୍‌ସନଭୋଗୀ ଏବଂ ପରିବାର ପେନ୍‌ସନଭୋଗୀଙ୍କ ୮୯୭ଟି ଅଭିଯୋଗର ସମାଧାନ ପାଇଁ ବିଚାର କରାଯିବ।

ଡକ୍ଟର ଜିତେନ୍ଦ୍ର ସିଂହ ଚଳିତ ବର୍ଷ ମେ’ ୧୩ ତାରିଖରେ ଅନୁଷ୍ଠିତ ୧୬ତମ ପେନ୍‌ସନ୍ ଅଦାଲତର ସଫଳତାର କାହାଣୀ ଉପରେ ଆଧାରିତ ଫ୍ଲାୟର ଉନ୍ମୋଚନ କରିବେ। ଏହା ସହିତ ପରିବାର ପେନ୍‌ସନଭୋଗୀଙ୍କ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଓ ଉତ୍ତର ସମ୍ବଳିତ ଏକ ପୁସ୍ତିକା ମଧ୍ୟ ପ୍ରକାଶ କରାଯିବ।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୧୭ରେ ପେନ୍‌ସନ୍ ଅଦାଲତ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୬ଟି ପେନ୍‌ସନ୍ ଅଦାଲତରେ ମୋଟ ୨୮ ହଜାର ୭୯୭ଟି ଅଭିଯୋଗ ମଧ୍ୟରୁ ୨୦ ହଜାର ୬୭୬ଟି ଅଭିଯୋଗର ସମାଧାନ କରାଯାଇଛି। ଏହାର ସଫଳତା ହାର ୭୧ ଦଶମିକ ୭/୯ ପ୍ରତିଶତ ରହିଛି।

---

**ସେବା ସଙ୍କଳ୍ପ –** ଓଡିଓପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। ‘ଜନସେବାରୁ ଦେଶସେବା’ ମନ୍ତ୍ରକୁ ଆଧାର କରି

ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ **ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ** ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ମିଜୋରାମର ଲୁଙ୍ଗଲେଇ ଜିଲ୍ଲାର ଚାଷୀମାନେ କଦଳୀ ଚାଷ କରି ବିଭିନ୍ନ ଉତ୍ପାଦରୁ ବାର୍ଷିକ ୩ କୋଟି ୭୮ ଲକ୍ଷ ଟଙ୍କା ଆୟ କରିଛନ୍ତି। ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ ପଦକ୍ଷେପ ଜରିଆରେ ଏହା ସମ୍ଭବ ହୋଇପାରିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନା ଅଧୀନରେ କଦଳୀ ଚାଷ କରିବା ଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା । ସେଠାକାର ଜମିର ମୃତ୍ତିକା ସ୍ତର ପରୀକ୍ଷା ନିରୀକ୍ଷା ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଦଳୀ ଚାଷ ପାଇଁ ସ୍ଥିର କରାଯାଇଥିଲା।

ବିଭିନ୍ନ ଅଞ୍ଚଳରେ କଦଳୀ ଏବଂ କଦଳୀ ଆଧାରିତ ଜୁସ୍ ଓ ଚିପ୍ସ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଛି । ସେଠାକାର ୧୭ଟି ଜିଲ୍ଲାରେ ୩ଶହରୁ ୪ଶହ ପରିବାର ନିୟୋଜିତ ହୋଇଥିବା ବେଳେ ସେମାନେ ବାର୍ଷିକ ୩ ଲକ୍ଷରୁ ଅଧିକ ଟଙ୍କା ଆୟ କରୁଥିବା ସୂଚନା ମିଳିଛି । ଏହି ଯୋଜନା ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି :

**V/O**

.........................................................................

## ପ୍ରେଜ୍-ଏସିଆନ ଗେମ୍ସ

ଜାପାନରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସଫଳତା ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ମହିଳା କ୍ରୀଡ଼ାବିତ୍‌ମାନଙ୍କର ପ୍ରଦର୍ଶନକୁ ନେଇ ପ୍ରଶଂସା କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, କ୍ରୀଡ଼ାବିତ୍‌ମାନଙ୍କ କଠିନ ପରିଶ୍ରମ, ଦକ୍ଷତା ଓ ଦୃଢ଼ ଅଧ୍ୟବସାୟ ଦେଶ ପାଇଁ ସମ୍ମାନ ଆଣିଛି । ଆଗାମୀ କ୍ରୀଡ଼ା ଯାତ୍ରା ପାଇଁ ସେ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଭାରତୀୟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପଦକ ବିଜେତାମାନଙ୍କ ପ୍ରଦର୍ଶନ ଦେଶବାସୀଙ୍କୁ ଆନନ୍ଦ ଦେଇଛି ବୋଲି ସେ କହିବା ସହ, ଏହି କ୍ରୀଡ଼ା ପ୍ରତିଯୋଗିତା ଆଗାମୀ ଦିନରେ ଆହୁରି ବଡ଼ ସଫଳତା ପାଇଁ ପ୍ରେରଣା ଯୋଗାଇବ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ାକୁ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ  ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଆହୁରି ଶିଖରକୁ ନେଇଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

ସୂଚନାଯୋଗ୍ୟ ଏହି କ୍ରୀଡ଼ାରେ ଭାରତ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଏବଂ ୩୭ଟି କାଂସ୍ୟ ସହ ମୋଟ୍ ୮୫ଟି ପଦକ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ ଯୁଗରେ ଇ-ଆବର୍ଜନା ଓ ଏହାର ସମାଧାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଇ-ୱେଷ୍ଟ ରିସାଇକେଲିଂ ବିଶେଷଜ୍ଞ ମୟଙ୍କ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।